## ୨ୟ ଏକକ

# ଭାଷାର ଉତ୍ପତ୍ତି ସଂପର୍କୀୟ ବିଭିନ୍ନ ସିଦ୍ଧାନ୍ତ

ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ ଭାଷାର ଉତ୍ପତ୍ତି ସମ୍ପର୍କୀୟ ପ୍ରଶ୍ନ ସବୁଠାରୁ ବଡ଼ ଜଟିଳ ଓ ବିଚିତ୍ର ପ୍ରଶ୍ନରୂପେ ଭାଷା ବିଜ୍ଞାନୀମାନଙ୍କର ଦୃଷ୍ଟି ଆକର୍ଷଣ କରିଆସିଛି । ଏ ସମ୍ପର୍କରେ ବହୁ ବିଦ୍ୱାନ ତନ୍ନ ତନ୍ନ ଅଧ୍ୟୟନ କରି ଭିନ୍ନ ଭିନ୍ନ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ଏହି ସିଦ୍ଧାନ୍ତଗୁଡ଼ିକ ମଧ୍ୟରୁ ଅନେକ ସିଦ୍ଧାନ୍ତଗୁଡ଼ିକୁ ଅନୁଶୀଳନ କଲେ ଜଣାଯାଏ ଯେ, ଏଗୁଡ଼ିକ ପରସ୍ପରଠାରୁ ଏତେ ଭିନ୍ନ ଯେ, ଭାଷାର ଉତ୍ପତ୍ତି ସମ୍ପର୍କିତ ଏକ ଯୁକ୍ତିନିଷ୍ଠ ସିଦ୍ଧାନ୍ତ ନିର୍ଦ୍ଧାରଣ କରିବା ସମ୍ଭବ ନୁହେଁ । ଏତାଦୃଶ ଜଟିଳତା ଅନେକ ଭାଷାବିଜ୍ଞାନୀଙ୍କୁ ଏତେ ଭାରାକ୍ରାନ୍ତ କରିଦେଇଛି ଯେ, ସେମାନେ ଆଉ ଏହାକୁ ଏକ ପ୍ରଶ୍ନ ଭାବେ ସ୍ୱୀକାର ନ କରି ଭାଷାବିଜ୍ଞାନ ସହିତ ଭାଷା ଉତ୍ପତ୍ତି ସମ୍ପର୍କୀୟ ସମସ୍ୟାର କୌଣସି ସମସ୍ୟା ନାହିଁ ବୋଲି ନିଜ ନିଜର ମତ ଦେଇ ପରୋକ୍ଷରେ ସେମାନଙ୍କ ଅସହାୟତାର ପ୍ରମାଣ ଦେଇଛନ୍ତି । ତେବେ ଯାହା ହେଉ ଭାଷାର ଉତ୍ପତ୍ତି ସମ୍ପର୍କରେ ଯେଉଁସବୁ ବିଭିନ୍ନ ସିଦ୍ଧାନ୍ତଗୁଡ଼ିକୁ ନେଇ ଆଲୋଚନା କରିବାର ଆବଶ୍ୟକତାକୁ ଉପଲବ୍ଧି କରି ଏଠାରେ ସେ ସବୁର ଆଲୋଚନା କରାଗଲା ।

### ଭାଷା ଉତ୍ପତ୍ତିମୂଳକ ସିଦ୍ଧାନ୍ତ:

### (କ) ଦୈବୀ ଉତ୍ପତ୍ତି ସିଦ୍ଧାନ୍ତ (Divine Theory):

•**ସିଦ୍ଧାନ୍ତ:** ଏହା ହେଉଛି ଭାଷାର ଉତ୍ପତ୍ତି ସମ୍ପର୍କିତ ପ୍ରାଚୀନତମ ସିଦ୍ଧାନ୍ତ । ଏହି ସିଦ୍ଧାନ୍ତବାଦୀଙ୍କ ମତରେ - "ପୃଥିବୀର ସବୁ ପଦାର୍ଥ ପରି ଭାଷା ମଧ୍ୟ ଭଗବାନଙ୍କ ଦ୍ୱାରା ସୃଷ୍ଟି । ଭଗବାନ ମାନବକୁ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ତା'ର ଭାଷାକୁ ମଧ୍ୟ ସୃଷ୍ଟି କରିଛନ୍ତି । ଜନ୍ମଗ୍ରହଣ କରିବାମାତ୍ରେ ମାନବ ଯେପରି ଶ୍ୱାସ ପ୍ରଶ୍ୱାସ ଓ ରକ୍ତ ସଞ୍ଚାଳନ ପ୍ରଭୃତି ଶକ୍ତିର ଅଧିକାରୀ ହୁଏ, ସେହିପରି ଭାଷା ଶକ୍ତିର ମଧ୍ୟ ଅଧିକାରୀ ହୁଏ ।"

•**ସପକ୍ଷବାଦୀ ମତ:**

ଏହି ସିଦ୍ଧାନ୍ତ ବିଶ୍ୱର ପ୍ରତ୍ୟେକ ଦେଶର ଧାର୍ମିକ ଧାରଣା ଅନୁଯାୟୀ ନିର୍ଣ୍ଣୀତ ସିଦ୍ଧାନ୍ତ । ଉଦାହରଣ ସ୍ୱରୂପ -

(୧) ଭାରତୀୟ ଧର୍ମୀୟ ପରମ୍ପରାରେ ଆଦିଗ୍ରନ୍ଥ ବେଦରେ ସଂସ୍କୃତ ଭାଷାକୁ ଅପୌରୁଷେୟ ବା ବେଦଭାଷା ରୂପେ ସମ୍ମାନ ଦିଆଯାଇଛି । ଔପମନ୍ୟବ, ଔଦୁମ୍ବରାୟଣ, ଯାସ୍କ, କୃଷ୍ଣଦ୍ୱୈପାୟନ ଓ ବ୍ୟାସ ପ୍ରମୁଖ ବିଦ୍ୱାନଗଣ ମଧ୍ୟ ସେମାନଙ୍କ ବିଚାରରେ ଏପରି ସିଦ୍ଧାନ୍ତକୁ ସ୍ୱୀକାର କରିଛନ୍ତି । ପାଣିନୀ ତାଙ୍କର 'ଅଷ୍ଟାଧ୍ୟାୟୀ' ବ୍ୟାକରଣ ଗ୍ରନ୍ଥରେ ମଧ୍ୟ ଏହାକୁ 'ମାହେଶ୍ୱର ସୂତ୍ର', ଅର୍ଥାତ୍ ଶିବଙ୍କ ଡମ୍ବରୁ ନାଦରୁ ନିସୃତ ବୋଲି ଉଲ୍ଲେଖ କରିଛନ୍ତି । ଏଥିରେ ସେ ପରୋକ୍ଷଭାବେ ଭାଷାକୁ ଈଶ୍ୱର ସୃଷ୍ଟ ବୋଲି ପ୍ରମାଣିତ କରିଛନ୍ତି ।

(୨) ମିଶନାରୀମାନେ ସେମାନଙ୍କର ପବିତ୍ର ଗ୍ରନ୍ଥର ଭାଷାକୁ 'ଦ୍ୱ-ନ୍ତ' ଅର୍ଥାତ୍ ଦେବଭାଷା ଭାବେ ବିଶ୍ୱାସ କରନ୍ତି।

(୩) ଗ୍ରୀସ୍ କବି ହୋମରଙ୍କ ମତରେ - ଦେବତାମାନଙ୍କର ବ୍ୟବହୃତ ଭାଷା ହିଁ ମନୁଷ୍ୟର ଭାଷା।

(୪) କ୍ୟାଥେଲିକମାନଙ୍କ ମତରେ 'ହିବ୍ରୁଭାଷା'ର ସ୍ରଷ୍ଟା ହିଁ ଭଗବାନ ବୋଲି ବିଶ୍ୱାସ କରିଥାନ୍ତି।

(୫) ବୌଦ୍ଧମାନେ 'ପାଲିଭାଷା'କୁ ବିଶ୍ୱର ମୂଳ ଭାଷାରୂପେ ଗ୍ରହଣ କରି ଏହା ଭଗବାନ ବୁଦ୍ଧଦେବଙ୍କ ଦ୍ୱାରା ସୃଷ୍ଟ ଭାଷା ବୋଲି ବିଶ୍ୱାସ କରିଛନ୍ତି।

(୬) ଦାର୍ଶନିକ ହେରୋକ୍ଲିଟରଙ୍କ ମତରେ - "ଶବ୍ଦ ଆକାଶରୁ ସ୍ୱାଭାବିକ ଭାବରେ ସୃଷ୍ଟି - ତେଣୁ ଏହା ମନୁଷ୍ୟ ଦ୍ୱାରା ସୃଷ୍ଟ ନୁହେଁ।"

(୭) ପ୍ଲାଟୋଙ୍କ ମତରେ - "ପୃଥିବୀର ସମସ୍ତ ପଦାର୍ଥ ପରି ଭାଷା ପ୍ରକୃତି ଦତ୍ତ ବା ଦୈବୀ ପ୍ରଦତ୍ତ।

(୮) ଜୈନମାନେ ମଧ୍ୟ ଅର୍ଦ୍ଧ ମାଗଧୀକୁ ଭଗବାନ ମହାବୀରଙ୍କ ମୁଖ ନିଃସୃତ ପ୍ରଥମ ଭାଷାଭାବେ ସ୍ୱୀକାର କରିଛନ୍ତି।

(୯) ମୁସଲମାନଙ୍କର ବିଶ୍ୱାସ ଅଛି ଯେ, "ଭଗବାନ 'ଆଲ୍ଲା' ମହମ୍ମଦଙ୍କୁ ପ୍ରଥମେ ଭାଷା ଶିକ୍ଷା ଦେଇ ଧର୍ମ ପ୍ରଚାର ପାଇଁ ପୃଥିବୀକୁ ପ୍ରେରିତ କରିଥିଲେ।"

**ବିପକ୍ଷବାଦୀ ମତ:**

ଏହିପରି ଭାବେ ବିଶ୍ୱର ପ୍ରତ୍ୟେକ ଧର୍ମ ସମ୍ପ୍ରଦାୟ ମଧ୍ୟରେ ନିଜ ନିଜ ଭାଷାକୁ ଈଶ୍ୱର-ସୃଷ୍ଟ ପ୍ରଥମ ଭାଷାଭାବେ ବିଶ୍ୱାସ ପୋଷଣ କରି ଆସିଛନ୍ତି। ଏପରି ବିଶ୍ୱାସ ପ୍ରାୟ ଅଧିକାଂଶ ଆଲୋଚକ ଗ୍ରହଣ କରିଥିଲେ ମଧ୍ୟ ଅନେକ ଆଲୋଚକ ତଥା ଧର୍ମାବଲମ୍ବୀ ଏହି ମତ ସହିତ ଏକମତ ହୋଇ ପାରିନାହାନ୍ତି। ଉଦାହରଣ ସ୍ୱରୂପ ଭାଷାବିତ୍ ଜି.ଏଚ୍.ହଡ଼ର ଏହି ସିଦ୍ଧାନ୍ତକୁ ଆକ୍ଷେପ କରି କହିଛନ୍ତି –"ଯଦି ଭାଷା ହେଉଛି ଦୈବୀକୃତ, ତେବେ ପୃଥିବୀର ସବୁ ମଣିଷର ଏକ ପ୍ରକାର ଭାଷା ହୋଇଥାନ୍ତା। ତେଣୁ ଭାଷା ଦୈବୀକୃତ ନୁହେଁ।"

- ସେହିପରି ଖ୍ରୀଷ୍ଟିୟାନ ଧର୍ମ ଗୁରୁ ବିଶ୍ୱପଙ୍କ ମତ ହେଉଛି –"ଈଶ୍ୱର ଯଦି ମଣିଷକୁ ସୃଷ୍ଟି କରିଛନ୍ତି, ତେବେ ପୃଥିବୀର ଯେ ସବୁ ପଦାର୍ଥକୁ ସୃଷ୍ଟି କରିଛନ୍ତି - ଏହା ଭାବିବା ଭୁଲ୍।" ମଣିଷ ମଧ୍ୟ କେତେକ ପଦାର୍ଥ ସୃଷ୍ଟି କରିଛି।"
- R.A.willsonଙ୍କ ମତରେ–"ଭଗବାନ ହୁଏତ ମନୁଷ୍ୟକୁ ଉପହାର ସ୍ୱରୂପ ଭାଷା ସୃଷ୍ଟି କରିବାର ଶକ୍ତି ଦେଇଛନ୍ତି; ତେଣୁ ମଣିଷ ହିଁ ଭାଷା ସୃଷ୍ଟି କରିଛି।

ଭାଷା ଦୈବୀକୃତ କି ନୁହେଁ, ଏହା ମନୁଷ୍ୟକୃତ - ଏହା ପ୍ରମାଣ କରିବା ପାଇଁ ମିଶରର ରାଜା ସୋମାଟିକସ୍, ଫ୍ରେଡ଼ରିକ ଦ୍ୱିତୀୟ (୧୧୯୪-୧୨୫୦), ସ୍କଟଲାଣ୍ଡର ଜେମ୍ସ-ଚତୁର୍ଥ (୧୪୮୮-୧୫୧୩) ଏବଂ ଆକବର (୧୫୫୬-୧୬୦୫) ପ୍ରମୁଖ ଏହାର ସତ୍ୟତା ନିରୂପଣ କରିବା ପାଇଁ କେତୋଟି ପଦ୍ଧତିକୁ ନେଇ ପରୀକ୍ଷା ନିରୀକ୍ଷା କରିଥିବାର ପ୍ରମାଣ ମିଳିଥାଏ। ସେଥିମଧ୍ୟରୁ ଦୁଇଟି କାହାଣୀକୁ ଏଠାରେ ଉପସ୍ଥାପିତ କରାଯାଇପାରେ। ଯଥା-

**(୧) ରାଜା ସୋମାଟିକସ୍ଙ୍କ ପରୀକ୍ଷା ପଦ୍ଧତି:**

ରାଜା ସୋମାଟିକସ୍ଙ୍କ ନିର୍ଦ୍ଦେଶକ୍ରମେ ପ୍ରଥମେ ଦୁଇଟି ନବଜାତ ଶିଶୁଙ୍କୁ ସୁଦୂର ଏକ ପର୍ବତ ଉପରେ କୁଟୀର ତିଆରି କରି ନେଇ ରଖାଯାଇଥିଲା। ସେମାନଙ୍କ ଲାଳନପାଳନ ପାଇଁ ଜଣେ ଭୃତ୍ୟକୁ ମଧ୍ୟ ସେଠାରେ ନିଯୁକ୍ତ କରାଯାଇଥିଲା। ସେମାନଙ୍କୁ ରାଜାଙ୍କ ଚରମ ନିର୍ଦ୍ଦେଶ ଯେ, ଏହି ଶିଶୁ ଦୁଇଟିର ସମ୍ମୁଖରେ କୌଣସି ଦିନ କୌଣସି ଅବସ୍ଥାରେ ଭୃତ୍ୟଟି ତା'

ମୁହଁରୁ ଗୋଟିଏ ହେଲେ ଶବ୍ଦ ଉଚ୍ଚାରଣ କରିବ ନାହିଁ। କିନ୍ତୁ ଦେଖାଗଲା ସେମାନେ ବଡ଼ ହେଲାପରେ, ସେମାନଙ୍କ ମୁହଁରୁ କେବଳ 'ବେକୋସ୍' (Bekos) ଶବ୍ଦଟି ଉଚ୍ଚାରିତ ହେଉଛି। ରାଜା ଆଶ୍ଚର୍ଯ୍ୟ ହୋଇ ମିଶରର ସମସ୍ତ ପଣ୍ଡିତମାନଙ୍କୁ ଡକାଇ ଏହି ଶବ୍ଦଟିର ଅର୍ଥ କ'ଣ ଜାଣିବାକୁ ଚାହିଁଲେ। ଅନୁସନ୍ଧାନ କରି ପଣ୍ଡିତମାନେ ଜଣାଇଲେ ଯେ, ଏହି ଶବ୍ଦଟି ହେଉଛି ଏକ ଫ୍ରିଜିୟନ ଶବ୍ଦ, ଯାହାର ଅର୍ଥ ହେଉଛି 'ରୁଟି'। ସେମାନଙ୍କ ଦେଖାଶୁଣା କରୁଥିବା ଭୃତ୍ୟଟି ଥିଲା ଫ୍ରିଜିୟନ ଭାଷାଭାଷୀ। ସେ ସେମାନଙ୍କୁ ଖାଇବାକୁ ଦେଉଥିଲାବେଳେ ନିଜର ଅଜ୍ଞାତ ସାରରେ ସେମାନଙ୍କ ଆଗରେ ଏହି ଶବ୍ଦଟିକୁ ହୁଏତ ଉଚ୍ଚାରଣ କରିଦେଇଥିବ - ତେଣୁ ଶିଶୁ ଦୁଇଟି କେବଳ ଏହି ଶବ୍ଦଟିକୁ ଗ୍ରହଣ କରିନେଇ ଉଚ୍ଚାରଣ କରୁଛନ୍ତି।

### (୨) ବାଦ୍‌ଶାହ ଆକବରଙ୍କ ପରୀକ୍ଷା ପଦ୍ଧତି:

ମହାଜ୍ଞାନୀ ବାଦ୍‌ଶା ଆକବରଙ୍କର ବିଶ୍ୱାସ ଥିଲା ଯେ–

> "ମନୁଷ୍ୟ ମୁଖର ଭାଷାର ଉଦ୍‌ଭବ ଘଟେ କେବଳ ଅନ୍ୟ ଜଣକର କଥାକୁ ଶୁଣି ଶୁଣି। ଯଦି କୌଣସି ନବ ଜାତକ ଶିଶୁକୁ ବାକ୍ ସମ୍ପନ୍ନ ମଣିଷର ସଂସ୍ପର୍ଶରେ ଆସିବାର ସୁଯୋଗ ଦିଆନଯାଏ, ତେବେ ତା'ର ବାକ୍‌ସ୍ଫୁରଣ ହେବା ଆଦୌ ସମ୍ଭବ ନୁହେଁ।"

ବାଦ୍‌ଶା' ଆକବରଙ୍କର ଏତାଦୃଶ ମତବାଦ ପ୍ରଚାରିତ ହେବା ପରେ ଅନେକ ପଣ୍ଡିତ ତାଙ୍କ ପାଖକୁ ଆସି ଜଣାଇଥିଲେ ଯେ – ତାଙ୍କ ବିଚାରଧାରାଟି ଆଦୌ ଠିକ୍ ନୁହେଁ। ଏହାଶୁଣି ବାଦ୍‌ଶା' ଆକବର ସେମାନଙ୍କ ସନ୍ଦେହମୋଚନ ନିମିତ୍ତ ଏକ ନିର୍ଜନତମ ସ୍ଥାନରେ ଗୋଟିଏ ବାଳାଶ୍ରମ ତିଆରି କରାଇଥିଲେ – ଯାହାକି ସଭ୍ୟ ଜଗତଠାରୁ ବହୁ ଦୂରରେ ଥିଲା। ଏହାପରେ କେତେକ ନବଜାତ ଶିଶୁଙ୍କୁ ନେଇ ସେଠାରେ କିଛି ବର୍ଷ ପାଇଁ ରଖାଗଲା। ସେମାନଙ୍କ ପରିଚର୍ଯ୍ୟା ପାଇଁ କେତେଜଣ ନିର୍ବାକ୍ ବିଶ୍ୱସ୍ତ ଧାଈ ଓ ପ୍ରହରୀଙ୍କୁ ଅବସ୍ଥାପିତ କରାଗଲା। ସେହି ସ୍ଥାନଟି ଯେହେତୁ ଥିଲା ନିର୍ବାକ୍‌ଙ୍କ ସ୍ଥାନ (ଯେଉଁଠାରେ କଥାବାର୍ତ୍ତା ନିଷିଦ୍ଧ), ସେହେତୁ ଏହି ଆବାସଟିର ନାମ ରଖାଯାଇଥିଲା। 'ଗଂ ମହଲ'। ଅନେକ ବର୍ଷ ପରେ ବାଦଶା' ଶିକାର କରିବା ଉଦ୍ଦେଶ୍ୟରେ ବଣକୁ ଯାଇ 'ବାଳାଶ୍ରମ'ଟିକୁ ପରିଦର୍ଶନ କରିବାକୁ ଯାଇ ଦେଖିଲେ - ସେଠାରେ ଅବସ୍ଥାନ କରୁଥିବା ଶିଶୁମାନଙ୍କ ମୁଖରୁ କୌଣସି ଶବ୍ଦଟିଏ ବି ଉଚ୍ଚାରିତ ହେଉନାହିଁ। ସେମାନେ ମୂକ ପାଲଟି ଯାଇଛନ୍ତି। ଏଥିରୁ ତାଙ୍କ ଚିନ୍ତାଧାରାର ସତ୍ୟତା ପ୍ରମାଣିତ ହୋଇଥିଲା। (ମହମ୍ମଦ ଦାନିଭାଲ୍ ହକ୍, ଭାଷା ବିଜ୍ଞାନର କଥା, ପୃ.୧୬ ରୁ ଉଦ୍ଧୃତ)। ଦୈବୀକୃତ ନୁହେଁ, ବରଂ ମନୁଷ୍ୟକୃତ। ଏହା ସପକ୍ଷରେ ନିମ୍ନଲିଖିତ ଯୁକ୍ତିକୁ ଏଠାରେ ଉପସ୍ଥାପିତ କରାଯାଇପାରେ -

(୧) ଭାଷା ଯଦି ଦୈବୀକୃତ – ତେବେ ପୃଥିବୀର ବିଭିନ୍ନ ଭାଷାମାନଙ୍କ ମଧ୍ୟରେ ସାମ୍ୟତା ଥାନ୍ତା, ଏପରି ବିଭେଦ୍ୟତା ନ ଥାନ୍ତା।

(୨) ଭାଷା ଯଦି ଦୈବୀକୃତ, ତେବେ ପ୍ରାରମ୍ଭକାଳରୁ ଏହା ବିକଶିତ ରୂପ ଲାଭ କରି ମୌଳିକ ରୂପରେ ହିଁ ରହିଥାନ୍ତା; ମାତ୍ର ପୃଥିବୀର ପ୍ରାୟ ପ୍ରତ୍ୟେକ ଭାଷା କ୍ରମ-ବିକଶିତ ଧାରାରେ ଗତି କରିଥିବାର ଜଣାଯାଏ।

(୩) ଏଥିରୁ ପ୍ରମାଣିତ ହୁଏ ଯେ, ଶିଶୁଟି ତା'ର ମାତା ଗର୍ଭରୁ ଭାଷା ଶିଖି ଆସି ନଥାଏ, ବରଂ ଭାଷିକ-ସଂସର୍ଗରୁ ଅନୁକରଣ ମାଧ୍ୟମରେ ଭାଷା ଶିକ୍ଷା କରିଥାଏ।

ତେଣୁ ଭାଷାର ଉତ୍ପତ୍ତି ଦୈବୀକୃତି ନୁହେଁ, ବରଂ ଏହି ସିଦ୍ଧାନ୍ତ ଧର୍ମୀୟ ବିଶ୍ୱାସ ଉପରେ ସଂପୂର୍ଣ୍ଣ ଆଧାରିତ ଏକ ସିଦ୍ଧାନ୍ତ।

### (ଖ) ଧାତୁ ସିଦ୍ଧାନ୍ତ ବା ଅନୁରଣନ ସିଦ୍ଧାନ୍ତ (Root theory or Ding-Dong theory)

ପ୍ରଥମେ ଗ୍ରୀକ୍ ଦାର୍ଶନିକମାନେ ଏହି ସିଦ୍ଧାନ୍ତ ଉପରେ ସମ୍ୟକ ରୂପେ ଆଲୋଚନା କରିଥିଲେ; କିନ୍ତୁ ପରେ ଜର୍ମାନ ପ୍ରଫେସର ହେସ୍ (Heyse) ଏହାର ସ୍ପଷ୍ଟ ରୂପ ପ୍ରଦାନ କରିଥିଲେ।

**ସିଦ୍ଧାନ୍ତ :**

**(i) ଧାତୁ (କ୍ରିୟାମୂଳ) ସିଦ୍ଧାନ୍ତ (Root Theory)**

ଏହି ସିଦ୍ଧାନ୍ତ ଅନୁଯାୟୀ ଭିନ୍ନ ଭିନ୍ନ ଭାଷା ପରିବାର ମଧ୍ୟରେ ଅସଂଖ୍ୟ ଧାତୁ (କ୍ରିୟାମୂଳ) ରହିଥିଲା। ଏହି ଧାତୁହିଁ ହେଉଛି କ୍ରିୟା ସୃଷ୍ଟି ଓ ଶବ୍ଦ ସୃଷ୍ଟିର ମୂଳବୀଜ। ଏହି ଶବ୍ଦ ହେଉଛି ପଦର ଓ ପଦ ବାକ୍ୟର ଆଧାର। ବାକ୍ୟ ହେଉଛି ଭାଷାର ଆଧାର। ଏହିପରି ଧାତୁ ହେଉଛି ଭାଷାର ମୂଳବୀଜ।

**(ii) ଅନୁରଣନ ସିଦ୍ଧାନ୍ତ (Ding-dong theory):**

ମାକ୍ସମୁଲାରଙ୍କ ସିଦ୍ଧାନ୍ତ ଅନୁସାରେ–"ପୃଥିବୀରେ ତମ୍ବା, ପିତଳ, ଲୁହା, ସୁନା ପ୍ରଭୃତି ଭିନ୍ନ ଭିନ୍ନ ଧାତୁ ଭିନ୍ନ ଭିନ୍ନ ଧ୍ୱନି ସୃଷ୍ଟି କରିଥାନ୍ତି। କ୍ରମେ ଏହି ଅନୁରଣନର ଅନୁକରଣରୁ ଭାଷାରେ ଭିନ୍ନ ଭିନ୍ନ କ୍ରିୟାମୂଳ ବା ଧାତୁ (root) ର ସୃଷ୍ଟି ହୋଇଛି।"

ପରେ ଭାଷାବିତ୍‌ମାନେ ଏହାକୁ ଡିଙ୍ଗ-ଡଙ୍ଗ ନାମ ଦେଇ ଯେଉଁ ସିଦ୍ଧାନ୍ତ ପ୍ରଦାନ କରିଥିଲେ, ତାହା ହେଉଛି - "ଧାତୁର ଧ୍ୱନି ସହିତ ଶବ୍ଦର ଏକ ରହସ୍ୟାତ୍ମକ ସଙ୍ଗତି ବା ସାମ୍ୟ (Mystic harmony) ରହିଛି।" ଯଥାର୍ଥରେ ଏହି ସିଦ୍ଧାନ୍ତର ମୂଳ ଚେତନା ମାକ୍ସମୁଲାରଙ୍କ ମୂଳ ଚେତନା ସହିତ ପ୍ରାୟତଃ ସମାନ।

**•ବିପକ୍ଷବାଦୀ ମତ:**

(୧) ପ୍ରଥମେ ଆଦିମ ମଣିଷ ଧାତୁର ବ୍ୟବହାର ଶିଖିଥିଲା କି ନାହିଁ ସନ୍ଦେହ।

(୨) ଯଦି କାଳକ୍ରମେ ମଣିଷ ତା'ର ଭାଷା ପାଇଁ ଧାତୁର ବ୍ୟବହାର ଶିଖିଥିଲା - ତେବେ ସେତେବେଳେ ନିଶ୍ଚିତ ଭାବେ ଧାତୁର ସଂଖ୍ୟା ଥିଲା ସୀମିତ।

(୩) ଏହି ସୀମିତ ସଂଖ୍ୟକ ଧାତୁ (metal) ରୁ ବିପୁଳ ସଂଖ୍ୟକ ଧାତୁ (କ୍ରିୟାମୂଳ)ର ସମ୍ଭାବନା ନିଶ୍ଚିତ ଭାବେ ଅବାନ୍ତର ପରି ମନେହୁଏ। କାରଣ ଏପରି ଅନେକ ଭାଷା ରହିଛି ଯହିଁରେ ଧାତୁର ପ୍ରାଧାନ୍ୟ ନାହିଁ। ପୁଣି ଅନେକ ଭାଷାରେ ଧାତୁର କୌଣସି ଆବଶ୍ୟକତା ମଧ୍ୟ ନାହିଁ।

(୪) ଏଠି ମନେରଖିବାକୁ ହେବ ଯେ, ସାଧାରଣତଃ ଭାଷା ସୃଷ୍ଟି ପାଇଁ କେବଳ 'ଧାତୁ' (root) ଯଥେଷ୍ଟ ନୁହେଁ। ପ୍ରତ୍ୟୟ, ଉପସର୍ଗ ଆଦି ଅନ୍ୟ ରୂପମାନଙ୍କର ମଧ୍ୟ ଆବଶ୍ୟକତା ରହିଛି।

ଏହିସବୁ ବିଚାରକୁ ନେଇ ବିପକ୍ଷବାଦୀ ଭାଷା ବିଜ୍ଞାନୀଙ୍କ ଯୁକ୍ତି ହେଲା - "ଯେଉଁ ଭାଷାରେ ଧାତୁର ସଂଖ୍ୟା ଯେତେ ଅଧିକ ତହିଁରେ ଜଟିଳତା ସେତେ ଅଧିକ। କାରଣ ଧାତୁ ଉପରେ ଭାଷା ଆଧାରିତ ନୁହେଁ। ତେଣୁ 'ଧାତୁ'ରୁ ଶବ୍ଦ ସୃଷ୍ଟି କରିବା ପଦ୍ଧତି ହୁଏତ ପରବର୍ତ୍ତୀ ସମୟର ହୋଇଥିବ।

**(ଗ) ସଙ୍କେତ ସିଦ୍ଧାନ୍ତ ବା ପ୍ରତୀକ ସିଦ୍ଧାନ୍ତ (Symbolic Theory):**

ଫ୍ରାନ୍ସର ପ୍ରସିଦ୍ଧ ବିଦ୍ୱାନ୍ ରୁସୋ (Rousseau) ସମାଜ ଉପରେ ଗବେଷଣା କରୁଥିବାବେଳେ - ଭାଷା ଉତ୍ପତ୍ତି ସମ୍ବନ୍ଧୀୟ ଏହି ସିଦ୍ଧାନ୍ତ ପ୍ରଦାନ କରିଥିଲେ। ତାଙ୍କ ସିଦ୍ଧାନ୍ତ ଅନୁସାରେ -

**• ସିଦ୍ଧାନ୍ତ:**

> "ମନୁଷ୍ୟମାନେ ଆରମ୍ଭରେ ହସ୍ତର ସଙ୍କେତ ଦ୍ୱାରା ଭାବର ଆଦାନ ପ୍ରଦାନ ପାଇଁ ଚେଷ୍ଟା କରୁଥିଲେ। କିନ୍ତୁ ଯେତେବେଳେ ସେମାନେ ଦେଖିଲେ ଯେ, କେବଳ ହାତର ସଙ୍କେତ ଦ୍ୱାରା ସମସ୍ତ କାମ ଚାଲିପାରୁ ନାହିଁ, ସେତେବେଳେ ସେମାନେ ଏକାଠି ହୋଇ କେତେକ ଧ୍ୱନିକୁ ସଙ୍କେତ ରୂପେ ସ୍ୱୀକାର କରିଥିବେ। ପରେ ପରେ ସେହି ଧ୍ୱନି ସଙ୍କେତ ଶବ୍ଦ ରୂପ ନେଇଥିବ।"

• **ବିପକ୍ଷବାଦୀ ମତ:**

(୧) ଯଦି ଆରମ୍ଭରେ କୌଣସି ଭାଷାର ସତ୍ତା ନଥିଲା; ତେବେ ଲୋକମାନେ ଏକାଠି ହେଲେ କିପରି ?

(୨) ଯଦି ଏକାଠି ହେଲେ ଶବ୍ଦ ଗଢ଼ାହେଲା କିପରି ?

(୩) ବିନା ବିଚାର - ବିନିମୟରେ ଏକାଠି ହେବା ଆଦୌ ସମ୍ଭବ ନୁହେଁ ବା ପ୍ରତୀକର ବିନିମୟ କରିବା ସମ୍ଭବ ନୁହେଁ।

ଏଥିରୁ ଏହି ସିଦ୍ଧାନ୍ତ ଅସାର ସିଦ୍ଧାନ୍ତ ଭାବେ ଗ୍ରହଣ କରାଯାଇଛି।

**(ଘ) ଇଙ୍ଗିତବାଦ (Gestural theory):**

ପାଲିନେଶିୟନ ଭାଷା ବିଦ୍ୱାନ ଡଃ ରାୟେ ପ୍ରଥମେ ଏହି ମତବାଦର ଉଦ୍‌ଭାବକ। ପରେ ପରେ ଡାରୱିନ ନିଜର 'ଛଅଟି ଅସମ୍ବନ୍ଧ ଭାଷାର ତୁଳନାତ୍ମକ ଅଧ୍ୟୟନର ଆଧାରକୁ ନେଇ ଏହାକୁ ପ୍ରମାଣିତ କରିଥିଲେ। ୧୯୩୦ ଖ୍ରୀ:ରେ ଭାଷାବିତ୍ ରିଚାର୍ଡ୍ ତାଙ୍କର ସନ୍ଦର୍ଭ "Human speech" ଗ୍ରନ୍ଥରେ ଏହାର ନାମକରଣ କରିଥିଲେ "ମୌଖିକ ଇଙ୍ଗିତ ସିଦ୍ଧାନ୍ତ (Oral Gestural Theory)। ସର୍ବଶେଷରେ ଆଇସଲାଣ୍ଡର ଭାଷାବିତ୍ ଆଲେକ୍‌ଜାଣ୍ଡାର ଜୋହାନ୍‌ସନ୍ ଭାରୋପୀୟ ଭାଷାମାନଙ୍କ ଉପରେ ତୁଳନାତ୍ମକ ଅଧ୍ୟୟନ ସମୟରେ ଏହି ସିଦ୍ଧାନ୍ତର ବିସ୍ତୃତ ଆଲୋଚନା କରି ଏହି ସିଦ୍ଧାନ୍ତର ଚାରୋଟି ସୋପାନ ନିର୍ଣ୍ଣୟ କରିଥିଲେ। ସେଗୁଡ଼ିକ ହେଉଛି -

**(୧) ଭାବ ପ୍ରକାଶନମୂଳକ ସୋପାନ:**

ଏହି ସୋପାନରେ ମଣିଷ ତା'ର ଆଶା, ହତାଶା, କ୍ରୋଧ, କାରୁଣ୍ୟ, ଭୟ, ବିସ୍ମୟ ଆଦି ସଙ୍କେତରେ ନିଜ ନିଜର ଭାବକୁ ପ୍ରକାଶ କରିଥିଲା।

**(୨) ଅନୁକରଣମୂଳକ ସୋପାନ:**

ଏହି ସୋପାନରେ ପ୍ରଥମେ ମଣିଷ ବିଭିନ୍ନ ଜୀବଜନ୍ତୁ ଓ ନିର୍ଜୀବ ପଦାର୍ଥମାନଙ୍କ ଧ୍ୱନିକୁ ଅନୁକରଣ କରି ଧ୍ୱନି ସଙ୍କେତ ବା ଶବ୍ଦ ଗଠନ କରିଥିଲା।

**(୩) ଅଙ୍ଗ-ଇଙ୍ଗିତମୂଳକ ସୋପାନ:**

ଏହାର ଆଧାର ହେଉଛି ଅନୁକରଣ; କିନ୍ତୁ ଏ ଅନୁକରଣ ଜିହ୍ୱାଦି ଦ୍ୱାରା ନ ହୋଇ କେବଳ ଅଙ୍ଗ (ମୁଖ୍ୟତଃ ହାତ) ଦ୍ୱାରା ଅନୁକରଣ ହୋଇଥିଲା। ଏପରିକି କୌଣସି କାରଣ ନ ଥାଇ ବି ମଣିଷ ଚିନ୍ତାଗ୍ରସ୍ତ ଥିବାବେଳେ ନିଜର ଅଜଣାତରେ ହୁଏତ ଏପରି ଇଙ୍ଗିତ ସୃଷ୍ଟି କରିଥିଲା। ଯାହାକୁ ଜୋହାନ୍‌ସନ "ଅଜ୍ଞାତସାର ଅନୁକରଣ (Unconscious imitation) ନାମରେ ନାମିତ କରିଛନ୍ତି।

**(୪) ସୂକ୍ଷ୍ମଭାବ ପ୍ରକାଶମୂଳକ ସୋପାନ:**

କ୍ରମେ କ୍ରମେ ମଣିଷର ମାନସିକ ସ୍ତରର ବିକାଶ ଫଳରେ ଧୀରେ ଧୀରେ ତା' ମନର ସୂକ୍ଷ୍ମଭାବ ପ୍ରକାଶନର ଆବଶ୍ୟକତାକୁ ନେଇ ଶବ୍ଦ ସୃଷ୍ଟି ହୋଇଥିଲା।

ଏହି ସିଦ୍ଧାନ୍ତ ଉପରେ ଆଲୋଚନା କରିବାକୁ ଯାଇ ପ୍ରଖ୍ୟାତ ଭାଷାବିଜ୍ଞାନୀ, ମହମ୍ମଦ ଦାନୀଉଲ ହକ୍ ତାଙ୍କର 'ଭାଷାବିଜ୍ଞାନର କଥା' ଗ୍ରନ୍ଥରେ ନିଜର ଏକ ସୁଚିନ୍ତିତ ପ୍ରଦାନ କରି ଲେଖିଛନ୍ତି-

"ଦେହଭଙ୍ଗିମା, ଆଖିର ଇସାରା, ମୁଖ-ହାତ-ପାଦର ନାନାବିଧ ଭଙ୍ଗିମା ଦେଇ ମଣିଷ ପ୍ରଥମେ ଭାଷାର କାର୍ଯ୍ୟ ଆରମ୍ଭ କରିଥିବ, ପରେ ଏହା ସହିତ ଯୁକ୍ତ ହୋଇଥିବ ମୁଖନିଃସୃତ ଧ୍ୱନି, ଏହାପରେ ଏଥିରୁ ଜନ୍ମ ନେଇଥିବ ପୂର୍ଣ୍ଣାଙ୍ଗ

ଭାଷା । ଏହି ତତ୍ତ୍ୱର ସମର୍ଥନ ବର୍ତ୍ତମାନ ପୃଥିବୀର ପ୍ରାୟ ପ୍ରତିଟି ଭାଷାରେ ଉପଲବ୍ଧ । କେବଳମାତ୍ର ବାଗ୍‌ଧ୍ୱନି ଦେଇ ଯେ କୌଣସି ଭାଷାର ପୂର୍ଣ୍ଣତା ମିଳେ ନାହିଁ, ଦେହଭଙ୍ଗିମାର ମିୟଦଂଶ ହେଲେ ବି ବାଗ୍‌ଧ୍ୱନି ସହିତ ଏହାର ଯୋଗ ହେବା ଦରକାର- ଏକଥା ଭାଷାବିଜ୍ଞାନୀ ନ ହେଲେ ବି ଚିନ୍ତାଶୀଳ ବ୍ୟକ୍ତିମାନେ ଉପଲବ୍ଧି କରିପାରିବେ।" (ଭାଷାବିଜ୍ଞାନର କଥା - ପୃ:୧୪)

ଏଥିରୁ ପ୍ରମାଣିତ ହୁଏ ଯେ - ପ୍ରଥମେ ଭୟ, କ୍ରୋଧ, ଆଶା, ହତାଶା, ବିସ୍ମୟାଦି, ନାନାବିଧ ମାନସିକ ଭାବାବେଗରୁ ଉଚ୍ଚାରିତ ଧ୍ୱନି ସମୂହ ଓ ସେଥିରୁ ଗଠିତ ହୋଇଥିବ କେତେକ ଶବ୍ଦାବଳୀ। ପରେ ବିଭିନ୍ନ ଧାତୁ ଓ ପଶୁ ପକ୍ଷୀଙ୍କ ଧ୍ୱନ୍ୟାନୁକରଣରେ ଉଚ୍ଚାରିତ ହୋଇଥିବ ନୂତନ ଶବ୍ଦ ସମୂହ। ଏହାର ଆଧାର ନିଶ୍ଚିତଭାବେ ଅନୁକରଣ। ଏହି ଅନୁକରଣ ମୁଖ୍ୟତଃ ହାତ ଓ ଆଖିର ଇଙ୍ଗିତରେ ପ୍ରତିଫଳନ ହୋଇଥିବ । ପରବର୍ତ୍ତୀ ସମୟରେ ମଣିଷର ମାନସିକ ବିକାଶ କ୍ରମରେ ଧ୍ୱନିଗୁଡ଼ିକର ପ୍ରକାର ଓ ଉଚ୍ଚାରଣଗତ ଭେଦରେ ଭିନ୍ନତା ଆସିଥିବ। ଫଳରେ ସ୍ୱର ଓ ବ୍ୟଞ୍ଜନ ଧ୍ୱନିର ବିକାଶ ଘଟି ଭାଷାର ଉତ୍ପତ୍ତି ହୋଇଥିବ ।

**(ଙ) ଧ୍ୱନ୍ୟାତ୍ମକ ଅନୁକରଣ ସିଦ୍ଧାନ୍ତ (Bow-Wow Theory/Onomatopoeic theory):**

ଏହି ସିଦ୍ଧାନ୍ତର ପ୍ରବର୍ତ୍ତକ ହେଉଛନ୍ତି ରୁସୋ ଓ ଜନ୍ ଗଟଫ୍ରାଏଡ୍ ହରଡ଼ର ।

- **ସିଦ୍ଧାନ୍ତ:**

"ମନୁଷ୍ୟ ନିଜର ପାରିପାର୍ଶ୍ୱରେ ଥିବା ପଶୁପକ୍ଷୀମାନଙ୍କର ଧ୍ୱନିକୁ ଅନୁକରଣ କରି କେତେକ ଶବ୍ଦ ନିର୍ମାଣ କରିଥିଲା। ପରେ ଏହି ଶବ୍ଦରୁ ହିଁ ଭାଷାର ସୃଷ୍ଟି।"

ଉଦାହରଣସ୍ୱରୂପ–

ପତ୍ରର ମର ମର, କୋକିଳର କୁହୁ କୁହୁ, ନଦୀର କୁଳୁକୁଳୁ, ଶ୍ୱାନର ଭୋ ଭୋ, କାଉର କା' କା', ଛେଳିର ମେଁ ମେଁ, ସର୍ପର ସୁ-ସୁ, ଭ୍ରମରର ଗୁଣୁଗୁଣୁ ପ୍ରଭୃତି ରାବର ଧ୍ୱନି ଶୁଣି ଶୁଣି ମଣିଷ ଏଗୁଡ଼ିକରେ ଅନୁସରଣରେ କେତେକ ଶବ୍ଦ ସୃଷ୍ଟି କରିଥିଲା। ଯଥା – ମରମର > ମର୍ମର, କୁହୁକୁହୁ > କୋକିଳ ଇତ୍ୟାଦି।

- **ବିପକ୍ଷବାଦୀ ମତ:**

(୧) ବିଖ୍ୟାତ ଅଟୋ ଜେସ୍ପରସନଙ୍କ ମତରେ - "ମନୁଷ୍ୟ ଇତର ପ୍ରାଣୀମାନଙ୍କଠାରୁ ଶ୍ରେଷ୍ଠ। ଭାଷା ଯୋଗୁଁ ହିଁ ମନୁଷ୍ୟ ଅନ୍ୟାନ୍ୟ ପ୍ରାଣୀମାନଙ୍କଠାରୁ ବହୁ ଉର୍ଦ୍ଧ୍ୱରେ। ତେଣୁ ଅନ୍ୟାନ୍ୟ ପ୍ରାଣୀମାନଙ୍କ ରାବର ଅନୁକରଣରେ ମଣିଷ ଭାଷା ଶିଖିଥିବ - ଏହା ଅମୂଳକ ପରି ମନେହୁଏ।

(୨) କୌଣସି ପ୍ରାଣୀର ଧ୍ୱନି ଅନୁସାରେ ଯଦି ଶବ୍ଦ ସୃଷ୍ଟି ହୋଇଥିବ, ତେବେ ଗୋଟି ପ୍ରାଣୀର ରାବ (ଧ୍ୱନି)କୁ ପୃଥିବୀ ସାରାଲୋକ କେବଳ ଗୋଟିଏ ନାମକରଣ କରିଥାନ୍ତେ; ମାତ୍ର ଧ୍ୱନିର ଭିନ୍ନତା ଯୋଗୁଁ ବିଭିନ୍ନ ନାମକରଣ କରାଯାଇଛି - ଯେପରି -

କୁକୁରର ଭୁକିବାକୁ ଓଡ଼ିଆରେ ଭୋ ଭୋ, ଇଂରେଜୀରେ ବାଓ - ବାଓ, ଫରାସୀ ଭାଷାରେ 'ନ୍ୟାଫ୍ ନ୍ୟାଫ୍', ଜାପାନୀ ଭାଷାରେ ୱାନ-ୱାନ (wan-wan), ଚୀନ୍ ଭାଷାରେ ୱଃ-ୱଃ (wa-wa), ରସିଆନ୍ ଭାଷାରେ ଗାଫ୍-ଗାଫ୍ (gaf-gaf) କୁହାଯାଏ।

ଏହିପରି ଭିନ୍ନତା ଯୋଗୁଁ ଏକ ଭ୍ରମାତ୍ମକ ଦିଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ମାକ୍ସମୁଲାର ଏହି ସିଦ୍ଧାନ୍ତକୁ ହସରେ ଉଡ଼ାଇ ପରିହାସରେ ଏହି ସିଦ୍ଧାନ୍ତର ନାମକରଣ କରିଥିଲେ 'Bow-wow' । କାରଣ ଇଂରାଜୀରେ କୁକୁରର ଭୁକାକୁ 'bow-wow' କୁହାଯାଏ।

(୩) ପ୍ରତ୍ୟେକ ଭାଷାର ଶବ୍ଦଗୁଡ଼ିକ ଯଦି ଏତାଦୃଶ ଧ୍ୱନି ଅନୁକରଣରୁ ଉତ୍ପତ୍ତି ହୋଇଥାନ୍ତା, ତେବେ ସବୁ ଭାଷାରେ ନିଶ୍ଚିତ ଭାବେ ଏକ ନିର୍ଦ୍ଦିଷ୍ଟ ଅର୍ଥଦ୍ୟୋତକ ଶବ୍ଦଗୁଡ଼ିକ ମଧ୍ୟରେ ଧ୍ୱନିର ସାମ୍ୟତା ରହିଥାନ୍ତା; ମାତ୍ର ଅନେକ କ୍ଷେତ୍ରରେ ତ ବୈସାଦୃଶ୍ୟ ଉପଲବ୍ଧ ।

ତେବେ ଏତିକି ମାତ୍ର କହିହେବ ଯେ, ଏପରି ଶବ୍ଦାନୁକରଣ ପଦ ହୁଏତ ଭାଷା ସୃଷ୍ଟି କରିବାରେ ଅନେକ ସହାୟତା କରିଥାଇପାରେ । ତେବେ ଭାଷା ସୃଷ୍ଟି କରିବାର ଯେଉଁ ସମସ୍ତ କାରଣମାନ ରହିଛି, ତନ୍ମଧ୍ୟରୁ ଶବ୍ଦାନୁକରଣ ହୁଏତ ଗୋଟିଏ କାରଣ ବି ହୋଇପାରେ; କିନ୍ତୁ ଏହା ଭାଷା ସୃଷ୍ଟିର ଏକମାତ୍ର କାରଣ ନୁହେଁ । (କର, କରୁଣାକର, ଭାଷାର ଉତ୍ପତ୍ତି ଓ ମୂଳ - ଭାଷାଭାବନା - ପୃ:୧୭୨)

## (ଚ) ଆବେଗ ସିଦ୍ଧାନ୍ତ (Pooh-Pooh Theory):

ଏହି ସିଦ୍ଧାନ୍ତର ଅନ୍ୟ ଏକ ନାମରେ ପରିଚିତ- ତାହା ହେଉଛି "ମନୋଭାବାଭି ବ୍ୟକ୍ତ ସିଦ୍ଧାନ୍ତ (Interjection theory)" । ଏହାର ପ୍ରଥମ ସନ୍ଧାନକାରୀ ଭାଷାବିତ୍ ହେଉଛନ୍ତି କାର୍ଡ଼ଲିଫ୍ । ତାଙ୍କ ପ୍ରଦତ୍ତ ସିଦ୍ଧାନ୍ତ ଅନୁସାରେ–

**• ସିଦ୍ଧାନ୍ତ**

ପ୍ରଥମ କାଳରେ ମଣିଷ ବିଚାର ପ୍ରଧାନ ଅପେକ୍ଷା ଅଧିକ ଥିଲା ଭାବ ପ୍ରଧାନ । ଅନେକ ସମୟରେ ଭାବାବେଗବଶତଃ ତା' ମୁଖରୁ ଆହ୍ଲାଦ, ବିଷାଦ, ବିସ୍ମୟ, ଘୃଣା, ଜିଜ୍ଞାସା, ନିନ୍ଦା, ପ୍ରଶଂସା ସୂଚାଉଥିବା ଧ୍ୱନି ସବୁ ବାହାରିଆସେ । ସେହିପରି ସ୍ନାୟୁବିକ ପ୍ରବୃତ୍ତି କାଶିବା, ଛିଙ୍କିବା ପରି ଏହା ହେଉଛି ତା'ର ସ୍ୱାଭାବିକ ପ୍ରବୃତ୍ତି । ଏହିପରି ଧ୍ୱନିଗୁଡ଼ିକ ହେଉଛି ଓଃ, ଆଃ, ହାୟ, ଧିକ୍, ଛିଃ, ଧେତ୍, ପୁଃ (Pooh), ପିଶ୍ (Pish), ଫାଇ (fie), ଟଟ (tut) ଇତ୍ୟାଦି । ଏହି ଧ୍ୱନିମାନଙ୍କଠାରୁ ପରେ କେତେକ ଶବ୍ଦର ସୃଷ୍ଟି ହୋଇଛି, ଯଥା – 'ଫାଇ'ରୁ ଫିଏଣ୍ଡ (fiend), 'ଧିକ୍'ରୁ ଧିକ୍କାର ଇତ୍ୟାଦି ଶବ୍ଦ ଧୀରେ ଧୀରେ ଏହି ଶବ୍ଦମାନଙ୍କୁ ନେଇ ଭାଷାର ସୃଷ୍ଟି ହୋଇଛି ।

**• ବିପକ୍ଷବାଦୀ ମତ:**

(୧) ବିସ୍ମୟ, ବିଷାଦ, ଓଃ, ଆଃ, ହାୟ ଆଦି ଦ୍ୟୋତକ ଶବ୍ଦ ଭାଷାର ଅବିଚ୍ଛେଦ୍ୟ ଅଙ୍ଗ ନୁହେଁ ।

(୨) ମନୋଭାଅଭିବ୍ୟକ୍ତ ସୂଚକ ଶବ୍ଦଗୁଡ଼ିକର ସୃଷ୍ଟି ସଂଖ୍ୟାଦୃଷ୍ଟିରୁ ଏକାବେଳକେ ନଗଣ୍ୟ । ଏହାକୁ ଭାଷାରୁ ଏକାବେଳକେ ବାଦଦେଲେ ମଧ୍ୟ ଚଳିବ ।

(୩) ଭିନ୍ନ ଭିନ୍ନ ଭାଷାରେ ଏହି ଶବ୍ଦ ଗୁଡ଼ିକ ମଧ୍ୟ ସମାନ ନୁହେଁ ।

ତେଣୁ ଏହାକୁ ମଣିଷର ସ୍ୱାଭାବିକ ପ୍ରବୃତ୍ତି ବୋଲି କହିବା ଆଦୌ ଠିକ୍ ନୁହେଁ । ଏହି ଶବ୍ଦଗୁଡ଼ିକ ଅଧିକାଂଶ ସମୟରେ ବାକ୍ୟରେ ବାହାରେ ରହିଥାନ୍ତି । ମୁହୂର୍ତ୍ତକ ମଧ୍ୟରେ ଆବେଗାନୁସାରୀ ଏମାନଙ୍କର ସ୍ଥିତି, ବ୍ୟାପ୍ତି ଓ ସମାପ୍ତି ।

## (ଛ) ଶ୍ରମ ପରିହରଣମୂଳକ ସିଦ୍ଧାନ୍ତ (Yo-he-ho Theory):

ବିଶ୍ୱର ବିଶିଷ୍ଟ ଭାଷାବିତ୍ ନୟେର (Noire) ହେଉଛନ୍ତି ଏହି ମତବାଦର ପ୍ରତିଷ୍ଠାତା । ତାଙ୍କ ସିଦ୍ଧାନୁସାରେ -

**• ସିଦ୍ଧାନ୍ତ:**

> "ଯେତେବେଳେ କୌଣସି କଠିନ ପରିଶ୍ରମ କରାଯାଏ, ସେତେବେଳେ ଫୁସ୍‌ଫୁସ୍‌ରୁ ଶ୍ୱାସ ଜୋରରେ ନିର୍ଗତ ହୁଏ, ଯାହାଦ୍ୱାରା ଶରୀରକୁ କିଛି ଆରାମ ମିଳିଥାଏ । ଚଞ୍ଚଳ ଚଞ୍ଚଳ ନିର୍ଗତ ଏହି ଶ୍ୱାସକ୍ରିୟାର ପ୍ରତିକ୍ରିୟା ଯୋଗୁ ସ୍ୱରତନ୍ତ୍ରୀରେ କମ୍ପନ ଜାତ ହୁଏ । ଏହି କମ୍ପନ ଫଳରେ ସ୍ୱାଭାବିକ ଭାବେ କେତୋଟି ଧ୍ୱନି ସୃଷ୍ଟି ହୋଇଥାଏ, ଯଥା–

- ସବାରି ବୋହିବାବେଳେ ଶ୍ରମ ଲାଘବ ପାଇଁ ବା ପଥର ଉଠାଇବାବେଳେ 'ହୁଁ-ହୋ'
- ଧୋବା ଲୁଗା କାଚିବା ବେଳେ 'ହିୟୋ ହିୟୋ', 'ଛିୟୋ-ଛିୟୋ'।
- ଇଲେକ୍ଟ୍ରିଖୁଣ୍ଟ ଟେକିବା ବା ତାର ଟାଣିବାବେଳେ 'ହେଇ-ସା' ପ୍ରଭୃତି ଧ୍ୱନିଗୁଡ଼ିକର ଉଚ୍ଚାରଣ କରାଯାଇଥାଏ।

ଏହାଦ୍ୱାରା ଫୁସ୍‌ଫୁସ୍ ନିର୍ଗତ ପ୍ରଶ୍ୱାସ ପବନ ଖୁବ୍ ଜୋର୍‌ରେ ନିର୍ଗତ ହେବା ଦ୍ୱାରା ଶରୀର ଆରାମ ପାଇଥାଏ। ସ୍ୱତଃ ସ୍ଫୁର୍ତ୍ତ ଏହି ଧ୍ୱନିଗୁଡ଼ିକ ଆଦିମ ଅବସ୍ଥାରେ ସେହି ସେହି କାର୍ଯ୍ୟରେ ଦ୍ୟୋତକ ହୋଇଯାଇଥିବେ। ଯେପରି ଶ୍ରମ ଅପନୋଦନ ପାଇଁ ଇଂରାଜୀରେ 'ୟୋ - ହେ - ହୋ' (Yo-he-ho) ଧ୍ୱନିର ସୃଷ୍ଟି। ଏହି ଦୃଷ୍ଟିରୁ ଏହା ଇଂରାଜୀ ନାମକରଣ ହୋଇଛି "Yo-he-ho theory".

**• ବିପକ୍ଷବାଦୀ ମତ:**

ଏହି ସିଦ୍ଧାନ୍ତର କୌଣସି ଯୁକ୍ତିନିଷ୍ଠ ବା ତାର୍କିକ ସଙ୍ଗତର ମହତ୍ତ୍ୱ ନାହିଁ। କାରଣ ଏହି ଭିତ୍ତିରେ ସୃଷ୍ଟ ଶବ୍ଦମାନଙ୍କର ସଂଖ୍ୟା ଖୁବ୍ ନଗଣ୍ୟ ଓ ଭାଷା କ୍ଷେତ୍ରରେ ଏମାନଙ୍କର ସେପରି କୌଣସି ବିଶିଷ୍ଟ ସ୍ଥାନ ନାହିଁ। ଏଣୁ ଏଭଳି ସିଦ୍ଧାନ୍ତ ଗ୍ରହଣଯୋଗ୍ୟ ହୋଇନପାରେ।

## (ଙ) ଟା-ଟା ସିଦ୍ଧାନ୍ତ:

**•ସିଦ୍ଧାନ୍ତ:**

୧୯୩୦ ମସିହାରେ Richard Pajet ଏହି ସିଦ୍ଧାନ୍ତଟିକୁ ଲୋକଲୋଚନକୁ ଆଣିଥିଲେ। ଏହି ସିଦ୍ଧାନ୍ତ ଅନୁସାରେ-

"ଆଦିମ ମଣିଷ କାମ କରିବା ସମୟରେ ଉଚ୍ଚାରଣକ୍ଷମ ଅବୟବମାନେ କାର୍ଯ୍ୟକ୍ଷମ ଅବୟବମାନଙ୍କର ଗତିକୁ ଅନୁକରଣ କରୁଥିଲେ। ଏହି ଅନୁକରଣରେ କିଛି ଧ୍ୱନି ସଂଯୁକ୍ତ ହୋଇଯିବାରୁ ଶବ୍ଦ ସୃଷ୍ଟି ହୋଇଥିଲା। ଏହି ଧ୍ୱନି ବା ଶବ୍ଦରୁ ଭାଷାର ସୃଷ୍ଟି।"

**•ବିପକ୍ଷବାଦୀ ମତ:**

ଏହି ସିଦ୍ଧାନ୍ତଟି ଗ୍ରହଣଯୋଗ୍ୟ ହେବାପରି ମନେହୁଏ ନାହିଁ, କାରଣ ଏହିଭଳି ଅନୁକରଣ ସଭ୍ୟ ମଣିଷ କିମ୍ବା ଅଦ୍ୟାବଧି ପୃଥିବୀର ବହୁ ଅଞ୍ଚଳରେ ଥିବା ଅସଭ୍ୟତମ ମଣିଷ ନିକଟରେ ଦୁର୍ଲଭ। ଏପରିକି ଆମର ପୂର୍ବ ପୁରୁଷଭାବେ ପରିକଳ୍ପିତ ବାନରମାନଙ୍କଠାରେ ମଧ୍ୟ ଏହି ପ୍ରବୃତ୍ତି ପରିଲକ୍ଷିତ ହୋଇନଥାଏ।

## (ଚ) ସଙ୍ଗୀତ ସିଦ୍ଧାନ୍ତ (Sing Song Theory) :

ବିଶ୍ୱର ପ୍ରସିଦ୍ଧ ଭାଷାବିତ୍ ଜେସ୍ପର୍ସନ ଏହି ସିଦ୍ଧାନ୍ତର ଦୃଢ଼ ସମର୍ଥକ। ଏପରିକି ପୂର୍ବରୁ ଡାରୱିନ ଓ ସ୍ପେନସର ମଧ୍ୟ ଏହି ମତକୁ କେତେକ ପରିମାଣ ସ୍ୱୀକାର କରିଥିଲେ। ଜେସ୍ପର୍ସନ ଏହାକୁ ନାମକରଣ କରିଥିଲେ 'କ୍ରୀଡ଼ାବାଦ' (Sports Theory), ତାଙ୍କ ବିଚାରରେ-

**•ସିଦ୍ଧାନ୍ତ:**

"ଭାଷାର ଉତ୍ପତ୍ତି ଉତ୍ସ ହେଉଛି କ୍ରୀଡ଼ା। ଉଚ୍ଚାରଣକ୍ଷମ ଅବୟବମାନେ ଅବଲୀଳା କ୍ରମେ କ୍ରୀଡ଼ା କରିବାରୁ ତାହା ସଙ୍ଗୀତର ରୂପ ନେଇଥିବ। ପ୍ରେମ ଦୁଃଖାଦି ଅବସରରେ ମଣିଷର ସ୍ୱରତନ୍ତ୍ରୀ ନିଶ୍ଚିତ ଭାବେ ସ୍ପନ୍ଦିତ ହୋଇଥିବ। ପ୍ରଥମରେ ଏଥିରୁ ସୃଷ୍ଟି ହୋଇଥିବ କେତୋଟି ଅର୍ଥହୀନ ଅକ୍ଷର (Meaningless syalcable)। ପରେ ବିଶେଷ ପରିସ୍ଥିତିରେ ଏହା ଅର୍ଥାନ୍ୱିତ ହୋଇଥିବ। ତେଣୁ ଏହି କ୍ରମରେ ଭାଷାର ସୃଷ୍ଟି ।"

•**ବିପକ୍ଷବାଦୀ ମତ:**

ଏହି ସିଦ୍ଧାନ୍ତ ମଧ୍ୟ ଭ୍ରମାତ୍ମକ, ହୁଏତ ଆଦିମ ମଣିଷ ଅତି ମାତ୍ରାରେ ଥିଲା ଭାବୁକ। ତେଣୁ ଗୁଣୁଗୁଣୁ ହୋଇ ସେ ଆନନ୍ଦ ପାଉଥିବ, କଇଁ କଇଁ ସକ ସକ୍ ହୋଇ କାନ୍ଦୁଥିବ, ହୁଁ ହାଁ କରି ନିଜ ନିଜର କ୍ରୋଧ ପ୍ରକାଶ କରୁଥିବ। କିନ୍ତୁ ଏଥିରୁ ଭାଷାର ସୃଷ୍ଟି ହେବ କିପରି ? ପୁଣି ଏହାକୁ କ୍ରୀଡ଼ା ବୋଲି କୁହାଯିବ ବା କାହିଁକି ?

ଏହି ପରିପ୍ରେକ୍ଷୀରେ ଏହା ସୁଚିନ୍ତିତ ଗ୍ରହଣଯୋଗ୍ୟ ସିଦ୍ଧାନ୍ତ ରୂପେ ଭାଷାବିଜ୍ଞାନୀଙ୍କ ଦ୍ୱାରା ଗ୍ରହଣଯୋଗ୍ୟ ହୋଇପାରି ନାହିଁ।

## (ଞ) ପ୍ରେମ ସିଦ୍ଧାନ୍ତ (Woo-Woo Theory):

ପ୍ରଫେସର ହଡ଼ସନ୍ ହେଉଛନ୍ତି ଏହି ମତବାଦର ଉଦ୍‌ଭାବକ। ପ୍ରେମାବେଗ ସହିତ ଭାଷାର ସମ୍ପର୍କ ସିଦ୍ଧାନ୍ତ କରି ପରବର୍ତ୍ତୀ ସମୟରେ ତାଙ୍କର ଶିଷ୍ୟମାନେ ଏହିପରି ନାମକରଣ କରିଥିଲେ। ଏହି ସିଦ୍ଧାନ୍ତଟି କହେ–

•**ସିଦ୍ଧାନ୍ତ:**

> "ମଣିଷର ସକଳ ଭାବାବେଗ ମଧ୍ୟରେ ପ୍ରେମାଭାବ ହେଉଛି ଶ୍ରେଷ୍ଠ ଆବେଗ। ଯାହା ସଙ୍ଗୀତ ସୃଷ୍ଟି କରିବାକୁ ମଣିଷକୁ ଅଧିକ ପ୍ରେରଣା ଦିଏ। ପ୍ରେମିକ ପ୍ରେମିକା ପାଖରେ ଓ ପ୍ରେମିକା ପ୍ରେମିକ ପାଖରେ ନିଜ ହୃଦୟର ଆବେଗ ପ୍ରକାଶ କରିବା ପାଇଁ ସର୍ବଦା ବ୍ୟାକୁଳ ହୋଇଉଠେ। ଫଳରେ ତା'ର ଅନ୍ତର୍ନିହିତ କେତେକ ଭାବ ସ୍ୱତଃ ଧ୍ୱନିରେ ପ୍ରକାଶିତ ହୋଇଯାଏ। ଫଳରେ ତା'ର ଅନ୍ତର୍ନିହିତ କେତେକ ଭାବ ସ୍ୱଭାବତଃ ଧ୍ୱନିର ରୂପ ନିଏ। ଏକଦା ଏହି ପ୍ରଣାଳୀରେ ଶବ୍ଦର ସୃଷ୍ଟି। ଶବ୍ଦରୁ ହୋଇଥିଲା ଭାଷାର ସୃଷ୍ଟି।"

•**ବିପକ୍ଷବାଦୀ ମତ:**

ଏହି ସିଦ୍ଧାନ୍ତ ସ୍ୱୟଂ ସମ୍ପୂର୍ଣ୍ଣ ସିଦ୍ଧାନ୍ତ ଭାବେ ଭାଷାବିଜ୍ଞାନୀଙ୍କ ଦ୍ୱାରା ସ୍ୱୀକୃତ ହୋଇପାରି ନାହିଁ। ସେମାନଙ୍କ ମତରେ - "ପ୍ରେମ ମଣିଷର ଶ୍ରେଷ୍ଠ ଭାବାବେଗ ହେଲେ ହେଁ ଏହା ସର୍ବକାଳୀନ ନୁହେଁ। ଏହି ଭାବାବେଗରେ ସୃଷ୍ଟ ଧ୍ୱନି କୌଣସି ଭାଷାରେ ଏତେ ବ୍ୟାପକ ନୁହେଁ - ଯାହାକି ଭାଷା ସୃଷ୍ଟିର 'କାରଣ' ରୂପେ ସ୍ୱୀକୃତ ହେବ।"

## (ଟ) ସମ୍ପର୍କ ସିଦ୍ଧାନ୍ତ (Contact Theory) :

ବିଶ୍ୱର ବିଶିଷ୍ଟ ମନୋବିଜ୍ଞାନୀ ରେବେଜ୍ (Revesz) ହେଉଛନ୍ତି ଏହି ସିଦ୍ଧାନ୍ତର ପ୍ରତିପାଦକ। ତାଙ୍କ ସିଦ୍ଧାନ୍ତ ଅନୁଯାୟୀ:-

•**ସିଦ୍ଧାନ୍ତ:**

ସାମାଜିକ ଜୀବଭାବେ ମଣିଷ ପାରସ୍ପରିକ ସମ୍ବନ୍ଧ ଭିତରେ ସମ୍ବନ୍ଧୀତ-ଯାହାକି ହେଉଛି ତା'ର ଏକ ସହଜାତ ପ୍ରବୃତ୍ତି। ଏହି ପ୍ରବୃତ୍ତି ହିଁ ସମ୍ପର୍କ। ଏହି ପ୍ରବୃତ୍ତିରୁ ସମାଜ ବା ଗୋଷ୍ଠୀର ସୃଷ୍ଟି। ଏହି ଧାରାରେ ଆଦିମ ମଣିଷ ପ୍ରଥମେ ପ୍ରଥମେ କ୍ଷୁଦ୍ର କ୍ଷୁଦ୍ର ଗୋଷ୍ଠୀରେ ବିଭକ୍ତ ହୋଇଥିଲା। ପ୍ରତିଗୋଷ୍ଠୀବଦ୍ଧ ବ୍ୟକ୍ତିମାନେ ନିଜ ନିଜର ମୌଳିକ ସହଜାତ ପ୍ରବୃତ୍ତି ଓ ଭାବନାଗୁଡ଼ିକୁ ପ୍ରକାଶ କରିବା ପାଇଁ ଭିନ୍ନ ଭିନ୍ନ ସ୍ଥଳରେ ଭିନ୍ନ ଭିନ୍ନ ପ୍ରକାରର ସମ୍ପର୍କ ସ୍ଥାପନ କରିଥିବେ। ଏହି ସମ୍ପର୍କ ପାଇଁ 'ସ୍ପର୍ଶ' ଥିଲା ଅନିବାର୍ଯ୍ୟ। ଏହି ସ୍ପର୍ଶରୁ ମୁଖରୁ ନିଶ୍ଚିତ ଭାବେ ଏକ ଏକାନ୍ତ ଧ୍ୱନି ଉଚ୍ଚାରିତ ହୋଇ ଯାଇଥିବ। ଯେତିକି ଯେତିକି ସମ୍ପର୍କ ବଢ଼ିଥିବ, ସେତିକି ସେତିକି ଧ୍ୱନି ସୃଷ୍ଟି ହୋଇଥିବ। ପ୍ରଥମେ ତ ଧ୍ୱନି ଥିଲା ପ୍ରାକୃତିକ ଓ ପରେ ହେଲା କୃତ୍ରିମ। ଧ୍ୱନି କୃତ୍ରିମ ହେବାରୁ ବ୍ୟାପକ ରୂପ ଗ୍ରହଣ କଲା। ଅର୍ଥାତ୍, ସମ୍ପର୍କ (Contact) ପ୍ରାରମ୍ଭରେ ଥିଲା ଭାବ ସ୍ତରରେ

(Emotional Contact), ପରେ ବୌଦ୍ଧିକ ସ୍ତର (Intellectual Contact)କୁ ଉନ୍ନୀତ ହେଲା। ଯେତେବେଳେ ସମ୍ପର୍କ ବୌଦ୍ଧିକ ସ୍ତରକୁ ଚାଲିଆସିଲା, ସେତେବେଳେ ଭାଷା ଅଧିକ ସମୃଦ୍ଧ ହେଲା।

**•ବିପକ୍ଷବାଦୀ ମତ:**

ବିଶ୍ୱର କାସିଡ଼ୀ ଆଦି ଭାଷାବିଜ୍ଞାନୀଗଣ ଏହି ସିଦ୍ଧାନ୍ତକୁ ଏକ ଅନିର୍ଣ୍ଣୀତ ଭାବେ ଗ୍ରହଣ କରି ଯୁକ୍ତି ବାଢ଼ିଥିଲେ ଯେ- "ଭିନ୍ନ ଭିନ୍ନ ସ୍ତରରେ ଭାଷା କିପରି ବିକାଶ ଲାଭ କରିଥିଲା ତାହାର ମୂଳ ରୂପର ସନ୍ଧାନ ଏଥିରେ ଅସ୍ପଷ୍ଟ।"

ତେବେ ଏହା ସ୍ୱୀକାର କରିବାକୁ ହେବ ଯେ, ପ୍ରଫେସର ରେବେଜ ମନୁଷ୍ୟ ଶିଶୁ, ପଶୁ, ପକ୍ଷୀ ପ୍ରଭୃତିଙ୍କର ମନସ୍ତାତ୍ତ୍ୱିକ ବିଭିନ୍ନ ଦିଗକୁ ଅଧ୍ୟୟନ କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ, ଯଥାର୍ଥରେ ଏହି ମତବାଦଟି ଭାଷାର ଉତ୍ପତ୍ତି ସମ୍ବନ୍ଧୀୟ ଏକ ତାର୍କିକ ଆସରଟିଏ ସୃଷ୍ଟି କରିବାରେ ଏକ ସମର୍ଥିତ ସିଦ୍ଧାନ୍ତ।

## (ଠ) ସମନ୍ୱିତ (ଏକୀଭୂତ) ସିଦ୍ଧାନ୍ତ (Theory of Unification) :

ଊନବିଂଶ ଶତାବ୍ଦୀର ବିଶିଷ୍ଟ ଭାଷାବିତ୍ ହେନେରୀ ସ୍ୱୀଟ ଭାଷା ଉତ୍ପତ୍ତି ସମ୍ପର୍କୀୟ ପୂର୍ବବର୍ତ୍ତୀ କେତେଗୋଟି ସିଦ୍ଧାନ୍ତଗୁଡ଼ିକର ସମନ୍ୱୟ ଭିତ୍ତିରେ ନିଜସ୍ୱ ସିଦ୍ଧାନ୍ତଟିକୁ ଏହିପରିଭାବେ ଉପସ୍ଥାପନ କରିଛନ୍ତି -

**•ସିଦ୍ଧାନ୍ତ:**

"ପ୍ରାରମ୍ଭିକ ରୂପରେ ଭାଷା ଭାବ ସଙ୍କେତ ବା ଇଙ୍ଗିତ (gesture) ଏବଂ ଧ୍ୱନି ସମବାୟ (Sound group) ଆଦି ଦୁଇଟି ପ୍ରକ୍ରିୟା ଉପରେ ଆଧାରିତ ଥିଲା। ଧ୍ୱନି ସମବାୟର ଆଧାର ଉପରେ ହିଁ ଶବ୍ଦମାନଙ୍କର ବିକାଶ ହୋଇଥିଲା।" ଏହି ପ୍ରକ୍ରିୟାରେ ସୃଷ୍ଟି ଲାଭ କରିଥିବା ଶବ୍ଦଗୁଡ଼ିକୁ ନେଇ ସେ ଏସବୁକୁ ତିନିଗୋଟି ଶ୍ରେଣୀରେ ବିଭକ୍ତ କରିଥିଲେ। ଯଥା–

**(୧) ଅନୁକରଣାତ୍ମକ (imitative): ମ୍ୟାଉଁ, କାକ, Cuckoo ଇତ୍ୟାଦି**

**(୨) ଭାବାବେଗ ବ୍ୟଞ୍ଜକ (Interjectional):-**

**(୩) ପ୍ରତୀକାତ୍ମକ (Symbolic):- ସଂସ୍କୃତରେ ମାତା ପିତା, ଇଂରାଜୀରେ mama, papa, abba, mother, father, brother, dady ଇତ୍ୟାଦି।**

## (ଡ) ପ୍ରତିବିମ୍ବ ସିଦ୍ଧାନ୍ତ (Theory of Reflection):

ଏହି ସିଦ୍ଧାନ୍ତର ଉଦ୍‌ଭାବକ ହେଉଛନ୍ତି ସ୍ଲେଗେଲ (Schlegel)। ତାଙ୍କ ମତରେ -

**•ସିଦ୍ଧାନ୍ତ:**

"କୌଣସି କଳାତ୍ମକ କାର୍ଯ୍ୟ ନାହିଁ, ଯାହା କେବଳ ରେଖା, ଲେଖା ବା ରଙ୍ଗ ଦ୍ୱାରା ସମ୍ଭବ। ଯେ ପର୍ଯ୍ୟନ୍ତ କଳାକାରର ମସ୍ତିଷ୍କ ଭିତରେ ଗୋଟିଏ ବିମ୍ବର ପୂର୍ଣ୍ଣ ପ୍ରତିବିମ୍ବ (reflection) ନ ନେଇଛି, ସେ ପର୍ଯ୍ୟନ୍ତ କୌଣସି କଳାତ୍ମକ କାର୍ଯ୍ୟ ସୃଷ୍ଟି ହେବା ଆଦୌ ସମ୍ଭବ ନୁହେଁ। ସେହିପରି କେତେଟା ଭଗ୍ନ, ଅସଂଲଗ୍ନ, ଅସ୍ପଷ୍ଟ ଧ୍ୱନିକୁ ଯୋଡ଼ି ଦେଲେ ଭାଷାର ସୃଷ୍ଟି ସମ୍ଭବ ହୋଇପାରିବ ନାହିଁ, ଯେ ପର୍ଯ୍ୟନ୍ତ ଭାବର ମୂଳ ସ୍ୱରୂପର ପୂର୍ଣ୍ଣ ପ୍ରତିବିମ୍ବ ତା'ର ମସ୍ତିଷ୍କରେ ଚିତ୍ରିତ ନ ହୋଇଛି। କଳାକାର ତା'ର ମସ୍ତିଷ୍କରେ ଉଦ୍‌ଭୂତ ପ୍ରତିବିମ୍ବକୁ ରେଖାରେ-ଲେଖାରେ ବା ରଙ୍ଗରେ ଯେପରି ରୂପ ଦେବାପାଇଁ ବ୍ୟାକୁଳ, ସେହିପରି ମଣିଷ ତା'ର ମନ ଭିତରେ ଉଦ୍‌ଭୂତ ଭାବ-ପ୍ରତିବିମ୍ବକୁ ଧ୍ୱନିରେ ପ୍ରକାଶ କରିବା ପାଇଁ ସର୍ବଦା ବ୍ୟାକୁଳ। ଏହି ବ୍ୟାକୁଳତାରୁ ସୃଷ୍ଟି ହୋଇଛି 'ଧ୍ୱନି' ଓ 'ଧ୍ୱନି'ରୁ ସୃଷ୍ଟି ହୋଇଛି 'ଭାଷା'।

**•ବିପକ୍ଷବାଦୀ ମତ :**

ଯଦିଓ ଏହି ସିଦ୍ଧାନ୍ତଟି 'ଧ୍ୱନି' ଓ 'ଶବ୍ଦ'ର ସୃଷ୍ଟି ପାଇଁ ସତ୍ୟଧର୍ମୀ ନିର୍ଣ୍ଣୟ, କିନ୍ତୁ ମନରେ ଏହା ପ୍ରଶ୍ନ ଜାଗେ – ସବୁ ମଣିଷର ବ୍ୟାକୁଳତାର ଯେ ସମାନ ପ୍ରକାରର ଧ୍ୱନି ଓ ଶବ୍ଦ ସୃଷ୍ଟି ହୋଇଥିବ ଏହାର ସତ୍ୟତା ଉପରେ ସନ୍ଦେହ ଅଛି । ଏଣୁ ଏହି ସିଦ୍ଧାନ୍ତଟିକୁ ଗ୍ରହଣ କରାଯାଇନାହିଁ ।

## (ଢ) ବିବର୍ତ୍ତନ ସିଦ୍ଧାନ୍ତ (ସାମାଜିକ ଅନୁବନ୍ଧ) ସିଦ୍ଧାନ୍ତ (Theory of Evolution) :

ଦାର୍ଶନିକ ରୁଷୋ ହେଉଛନ୍ତି ଏହି ସିଦ୍ଧାନ୍ତଟିର ପ୍ରତିପାଦକ । ଏହି ସିଦ୍ଧାନ୍ତଟି ଡାରଉଇନ୍‌ଙ୍କ 'ବିବର୍ତ୍ତନ ବାଦ' ତତ୍ତ୍ୱ ଉପରେ ଆଧାରିତ । ଯାହା ଥିଲା ମଣିଷ ସୃଷ୍ଟି ପ୍ରକ୍ରିୟାର ଏକ ଗବେଷଣାଧର୍ମୀ ଇତିହାସ । କିନ୍ତୁ ଯଥାର୍ଥରେ ସେ ଏଥିରେ ପ୍ରମାଣିତ କରିଥିଲେ ଯେ ବିବର୍ତ୍ତନ ଧାରାରେ ମଣିଷର ସୃଷ୍ଟି ପରି ତା'ର ମୁଖନିଃସୃତ ଭାଷାର ମଧ୍ୟ ରହିଛି ଏକ କ୍ରମ ବିବର୍ତ୍ତିତ ଧାରା – ଯାହା ପରବର୍ତ୍ତୀ ସମୟରେ ସାମାଜିକ ଅନୁବନ୍ଧରେ ବାନ୍ଧି ହୋଇଯାଇଛି । ଏହିପରିପ୍ରେକ୍ଷୀରେ ସିଦ୍ଧାନ୍ତଟି ହେଉଛି –

**•ସିଦ୍ଧାନ୍ତ**

'ପ୍ରଥମେ ଭାଷା ମଣିଷ ଅବୟବ ଦ୍ୱାରା ସୃଷ୍ଟ ଏକ ମୂକ ଅଭିନୟ ନ ଥିଲା ବା ପ୍ରଥମେ ବାଗ୍‌ଯନ୍ତ୍ର ମୂକ ଅଭିନୟକୁ ମଧ୍ୟ ଅନୁକରଣ କରୁନଥିଲା । କିନ୍ତୁ ଯେତେବେଳେ ମଣିଷ ଅଧିକ ଗୋଷ୍ଠୀବଦ୍ଧ (ସାମାଜିକ) ହୋଇ ପରସ୍ପର ସହିତ ଅଧିକ ସମ୍ପର୍କ ଯୋଡ଼ିଲା; ସେତେବେଳେ ନିଜ ଭାବ ପ୍ରକାଶନ ପାଇଁ ବ୍ୟାକୁଳ ହେଲା । ଏହବ ସେ ଦେଖିଲା ତା' ମନର କେତେକ ଗୋପନ କଥାକୁ ସମ୍ପୂର୍ଣ୍ଣ ରୂପେ ପ୍ରକାଶ କରିବାକୁ ଅଭିନୟ ଯଥେଷ୍ଟ ଅନୁକୂଳ ପରି ମନେ ହେଉ ନାହିଁ । ତେଣୁ ଏପରି ଏକ ବ୍ୟାକୁଳିତ ମୁହୂର୍ତ୍ତରେ ସେମାନେ ନିଶ୍ଚିତ ଭାବେ ଏକ ବୃହତ୍ ସଭାର ଆୟୋଜନ କରିଥିବେ । ସେହି ସଭାରେ ପରସ୍ପର ମନୋଭାବ ବୁଝିବାପାଇଁ କେତୋଟି ଧ୍ୱନି ସଙ୍କେତ ନିର୍ବାଚନ କରିଥିବେ । ସେହି ସାମାଜିକ ପରିବେଶରେ ସେହି ସମାଜ ଦ୍ୱାରା ସେହି ଧ୍ୱନି ସଙ୍କେତ ସବୁ ଭାବ ପ୍ରକାଶ ଓ ବିନିମୟର ସର୍ବସାଧାରଣ ଧ୍ୱନି ସଙ୍କେତ ରୂପେ ସ୍ୱୀକୃତି ଲାଭ କରିଥିବ । ଏହି ଧ୍ୱନି ସଙ୍କେତ କ୍ରମଶଃ ଯେତିକି ଯେତିକି ବଢ଼ିଥିବ, ସେତିକି ସେତିକି ଅଧିକ ଶବ୍ଦର ସୃଷ୍ଟି ହୋଇଥିବ ।

ପ୍ରଥମେ ଏହି ଧ୍ୱନି ଶବ୍ଦ ବିଶୃଙ୍ଖଳିତ ରୂପରେ ରହିଥିବ । କାଳକ୍ରମେ ସେହି ବିଶୃଙ୍ଖଳିତ ଧ୍ୱନିଗୁଡ଼ିକୁ ସଜାଇବା ପାଇଁ ପୁଣିଥରେ ସେମାନେ ଏକାଠି ହୋଇଥିବେ । ସାଧାରଣ ବୁଝାମଣା ପାଇଁ ସେମାନେ ଏକ ନିୟମ କ୍ରମ (ଶୃଙ୍ଖଳାକ୍ରମ)ରେ ସଜାଇଥିବା ଧ୍ୱନି ବା ଶବ୍ଦ ବାକ୍ୟର ରୂପ ନେଇଥିବ ।

'ବାକ୍ୟ' ସୃଷ୍ଟି ହେଲା ପରେ ସେମାନେ ପୁଣି ଏକାଠି ହୋଇ ବିଚାର ଧାରାର ଅନୁକ୍ରମ, ଶୃଙ୍ଖଳା ଓ ସଂଯମ ପାଇଁ ସେହି ବାକ୍ୟଗୁଡ଼ିକୁ ନିର୍ଦ୍ଦିଷ୍ଟ ଶୃଙ୍ଖଳାରେ ସଜାଇଥିବେ । ଏହି କ୍ରମରେ ସଜ୍ଜିତ ବାକ୍ୟ-ସମୂହ ଦ୍ୱାରା ମନର ଭାବ ସ୍ପଷ୍ଟଭାବରେ ଅଭିବ୍ୟକ୍ତ ହୋଇଥିବ । ଏହିପରି ଭାବରେ ଭାଷାର ବିବର୍ତ୍ତନ ହୋଇଛି ।

**•ବିପକ୍ଷବାଦୀ ମତ :**

ଭାଷାବିତ୍ ଆର୍.ଏ.ଉଇଲ୍‌ସନ୍ ପ୍ରମୁଖ ଏହି ମତକୁ ବିରୋଧ କରି ସେମାନଙ୍କ ପ୍ରଶ୍ନ –

(୧) ଆଦିମ ମଣିଷମାନେ ସେହି ସର୍ବସାଧାରଣ ନିର୍ଦ୍ଦିଷ୍ଟ ଧ୍ୱନି ସଙ୍କେତ କାହା ସାହାଯ୍ୟରେ ନିର୍ବାଚନ କଲେ ?

(୨) ଆଗେ ଧ୍ୱନି ସଙ୍କେତରେ ସୃଷ୍ଟି ବା ଆଗେ ଭାଷାର ସୃଷ୍ଟି ?